## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କଣିହାଁ,୬।୨(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତ୍ରିଲୋଚନ ସାମଲ, ଶିକ୍ଷାବିତ୍ କନ୍ଦର୍ପ ମହାନ୍ତି, ପହଲି ବେହେରା ଯୋଗଦେଇ ଶିକ୍ଷା ସହିତ ଖେଳକୁଦ ଓ ଯୋଗାଭ୍ୟାସ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରିରୀକ ଦକ୍ଷତା ସହ ମନୋବଳ ବୃଦ୍ଧି ପାଇଥାଏ ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ମାନସ ରଞ୍ଜନ ସାହୁ, ସହକାରୀ ଶିକ୍ଷକ କ୍ଷମାନିଧି ବିଶ୍ୱାଳ, ସନ୍ତୋଷ ସାମଲ, ନିରଞ୍ଜନ ସାମଲ ସହଯୋଗ କରିଥିଲେ।

### ଭୋଳେଶ୍ୱରୀଙ୍କ ବାର୍ଷିକ ପୂଜା

**କଣିହାଁ,୬।୨(ଡି.ଏନ.ଏ.):** କଣିହାଁ ବ୍ଲକ ଡେରଙ୍ଗ ଓ ବାଲିପଟା ସୀମା ଉଣ ପାହଡ଼ ପାଦଦେଶରେ ଥିବା ମା'ଭୋଳେଶ୍ୱରୀଙ୍କ ବାର୍ଷିକ ପୂଜା ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଡେରଙ୍ଗ ଗ୍ରାମ ଦେହୁରୀସାହି ପୂଜକଙ୍କ ଘରୁ ଶୋଭାଯାତ୍ରାରେ ଆଲମ ଅଣାଯାଇଥିଲା। କମିଟି ତରଫରୁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଅନୁଗୋଳ ଅଫିସ, ୬।୨:** ଅନୁଗୋଳ କଲେଜପଡ଼ା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଅବସରପ୍ରାପ୍ତ ବିଆର୍‌ସିସି ପ୍ରଶାନ୍ତ କୁମାର ବିଶ୍ୱାଳ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ବେହେରା, ବୃନ୍ଦାବନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, କଲେଜପଡ଼ା କ୍ଲଷ୍ଟର ସିଆର୍‌ସିସି ନିଖିଳ ପାଣି ଯୋଗଦାନ କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ସାହୁ ଅତିଥି ପରିଚୟ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପ୍ରଧାନ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା କମିଟି ଅଧକ୍ଷ ରଞ୍ଜନ କୁମାର ବେହେରା ସଭା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ଗଣେଶ୍ୱର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

**ଅନୁଗୋଳ ଅଫିସ, ୬।୨:** ଅନୁଗୋଳ ଜିଲା ଫ୍ଲାଇଙ୍ଗ ସ୍କ୍ୱାଡ୍ ପରଜଙ୍ଗ ଦୋମୁହାଣି ଗ୍ରାମର କାମଦେବ ନାଏକ ଓ ଯୁଗଳ ନାୟକଙ୍କୁ ଗିରଫ କରିବା ସହ ୬୦ ଲିଟର ଦେଶୀ ମହୁଲି ଜବତ କରିଥିବା ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଭ୍ରାମ୍ୟମାଣ ଅବକାରୀ ଉପନିରୀକ୍ଷକ ଅରବିନ୍ଦ ପ୍ରସାଦ ରାଉତରାୟଙ୍କ ସହ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସମୟରେ ଏକ ମୋଟର ସାଇକେଲ (ନଂ. ଓଆର-୧୯ଜେ-୩୩୧୨)ରେ ସମ୍ପୃକ୍ତ ଦୁଇ ଜଣ ମହୁଲି ନେଇ ଯାଉଥିବା ଜାଣିବାକୁ ପାଇଥିଲେ। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ସୁମିତ୍ରା ଓରାମ, ଜାଜିର ହୁସେନ, ବିଜୟ ସାମଲ, ପି. ତ୍ରିପାଠୀ, ସୁରେଶ କୁମାର ପାଲ ସାମିଲ ଥିଲେ।

# ୧୭ରେ ମେଗା ଆଇନ ସେବା ଶିବିର



**ଅନୁଗୋଳ ଅଫିସ, ୬।୨**

ଅନୁଗୋଳ ବିଜୁ ମଇଦାନଠାରେ ଆସନ୍ତା ୧୭ ତାରିଖରେ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାରୁ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିରରେ ୬୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ମଣ୍ଡପରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ସହ ସହାୟତା ପ୍ରଦାନ କରାଯିବ। ଏହାର ସଫଳତା ନିମନ୍ତେ ଜିଲା ଜଜ୍ ଅଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲାପାଳ ଅନିଲ କୁମାର ସାମଲ ଶିବିର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ସହ ବିଭାଗୀୟ ଅଧିକାରୀମାନେ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅନୁଗୋଳ ବନଖଣ୍ଡ ଅଧିକାରୀ କାର୍ତ୍ତିକ ଭି. ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ପରୀକ୍ଷା, ବ୍ଲଡ ଗ୍ରୁପିଂ, ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ, ଆଧାର ଆବେଦନ ଓ ସଂଶୋଧନ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର ସହ ବିଭିନ୍ନ ଭତ୍ତା ଓ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯିବ। ସେହିପରି ଶ୍ରମିକମାନଙ୍କ ପଞ୍ଜୀକରଣ, ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ ସହ ନିରାମୟ, ଜନଔଷଧି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ କାଳିଆ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅମରେନ୍ଦ୍ରନାଥ ମହାନ୍ତି, କୋର୍ଟ ମ୍ୟାନେଜର ସୁମନ କୁମାର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# କୋଇଲା ଗାଡ଼ି ଜବତ, ୭ ଗିରଫ

**ଛେଣ୍ଡିପଦା,୬।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ପୋଲିସ ମଙ୍ଗଳବାର ରାତିରେ ୪ଟି ଚୋରା କୋଇଲା ଗାଡି ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବନ୍ତଳା ଥାନା ପୁରୁଣାଗଡ ଗ୍ରାମର ବୈକୁଣ୍ଠ ମହାନ୍ତି(୩୦), କାଳିଆ ବେହେରା(୨୭), ଗତି ବେହେରା(୫୫), ନରସିଂହପୁର ଦାମକଟା ଗ୍ରାମର ଶଙ୍କର ସ୍ୱାଇଁ, ନରସିଂହପୁରର କଅଁରପୁର ଗ୍ରାମର ସମୀର କୁମାର ସାମଲ, ଛେଣ୍ଡିପଦା ଟେଣ୍ଟୁଲୋଇ ଗ୍ରାମର ଚଣ୍ଡାଳ ରାଉତ ଓ ନିଶାଥାନାର ରାଇଝରଣ ଗ୍ରାମର ଶରତ କୁମାର ପ୍ରଧାନ। ଛେଣ୍ଡିପଦା-ଜରପଡା ରାସ୍ତାରେ ପୋଲିସ ପାଟ୍ରୋଲିଂ ବେଳେ କୋରଡା ହନୁମାନ ମନ୍ଦିର ନିକଟରେ ଗାଡ଼ି ଗୁଡିକ ଧରାପଡିଥିଲା। ସେଥିମଧ୍ୟରେ ଏକ ୪୦୭ ମିନିଟ୍ରକ(ନଂ. ଓଆର୦୬ଏ ୩୦୨୦), ଏକ ପିକଅପ ଭ୍ୟାନ (ଓଡି୦୫ପି,୩୬୮୪), ଏକ ମାକ୍ସ ପିକଅପ ଗାଡି(ଓଆର୦୨ଏଜି ୪୩୨୧), ଏକ ଟ୍ରକ (ଓଆର୧୯ସି,୦୯୧୨) ରହିଛି। ସେଥିରୁ ୧୩ ଟନ୍ କୋଇଲା ଜବତ କରାଯାଇଛି। ଏ ନେଇ ନଂ. ୪୫/୧୯ରେ ପୋଲିସ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରିଛି।

## ସେଲ୍‌ଫି କର୍ଣ୍ଣର



@ ବ୍ରଜମୋହନ



@ ଶୁଭମ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**

dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**କଣିହାଁ, ୬।୨ (ଡି.ଏନ୍.ଏ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ୮ ଓ ୯ ନମ୍ବର ଜୋନର ବିଭିନ୍ନ ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଜଗମୋହନ ପ୍ରଧାନଙ୍କ ନେତୃତ୍ୱରେ କର୍ମୀମାନେ କୁଲୁମାଠାରୁ ବାହାରି ସୁସୁବା, ଗଣ୍ଡମାଳା, ଦୁମଦୁମା, ଏକଘରିଆ, ସମଲ, ଭିକସର, ବଉଦବେଢ଼ା ଓ ବ୍ରାହ୍ମଣଦେଇ ଆଦି ଗ୍ରାମରେ ପଦଯାତ୍ରା କରିଥିଲେ। ଏହି ଅବସରରେ ପ୍ରଧାନ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା ସହ ଯୋଜନାର ସୁଫଳ ଉଠାଇବାକୁ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ କୃଷ୍ଣଚନ୍ଦ୍ର ପ୍ରଧାନ, ବିନୋଦ ପ୍ରଧାନ, ଭାସ୍କର ସାମଲ, ଦାମୋଦର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

**ଢେଙ୍କାନାଳ ଅଫିସ, ୬।୨**

ଢେଙ୍କାନାଳ ସହର ଶାସନ ନିକଟରୁ ବୁଧବାର ରାତି ପ୍ରାୟ ୮ଟା ସମୟରେ ଗୁରୁତର ଅବସ୍ଥାରେ ବରୁଣ ଓଝା(୪୦)ଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ଘର ସଦର ଥାନା ଭାପୁର ଫାଣ୍ଡି ଗୋବିନ୍ଦପ୍ରସାଦ ଅଞ୍ଚଳରେ ବୋଲି ଜଣାପଡିଛି। ତାଙ୍କ ତଣ୍ଟିକୁ କେହି କାଟି ଦେଇଥିବାରୁ ଲୋକେ ଆମ୍ବୁଲାନ୍ସ ଯୋଗ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେ ଢେଙ୍କାନାଳ ଲକ୍ଷ୍ମୀବଜାର ଠାରେ ଥିବା ଏକ ହୋଟେଲର କର୍ମଚାରୀ ବୋଲି ଜଣାପଡିଛି।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ପରାମର୍ଶ

**ଛେଣ୍ଡିପଦା, ୬।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବନବିଭାଗ ପକ୍ଷରୁ ସ୍ଥାନୀୟ ସତ୍‌ସଙ୍ଗ ଯୋଗ କେନ୍ଦ୍ରଠାରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ପୌରୋହିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଆଇଏଫଏସ୍ ଅଧିକାରୀ ଧନରାଜ୍ ଏଚ୍. ଡି, ସମ୍ମାନିତ ଅତିଥି ଛେଣ୍ଡିପଦା କେନ୍ଦୁଲିଫ୍ ରେଞ୍ଜର ଗିରିଶ ଚନ୍ଦ୍ର ପଣ୍ଡା, ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଛେଣ୍ଡିପଦା ଦମକଳ ବିଭାଗର ଷ୍ଟେଶନ ଅଫିସର ମନୋରଞ୍ଜନ ବିଶ୍ୱାଳ, ସରପଞ୍ଚ ସରୋଜିନୀ ବେହେରା, ଗୋବର୍ଦ୍ଧନ ନାୟକ, ପ୍ରଦୀପ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଉପସ୍ଥିତ ତଥା ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବନପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଉଚ୍ଛବ ସାହୁ, କଳାକାର ପ୍ରଧାନ, ଦୀପକ ସେଠୀ, ଦୀପକ ମହାନ୍ତି, ପ୍ରୀତିରେଖା ଦେହୁରିଙ୍କ ସମେତ ଛେଣ୍ଡିପଦା ବନାଞ୍ଚଳ ଅଧୀନରେ ଥିବା ୫୫ଟି ବନସଂରକ୍ଷଣ ସମିତିର ସଭାପତି, ସମ୍ପାଦକ, ଆନିମେଟର, ବନସଂରକ୍ଷଣ ସମିତିର ସମସ୍ତ ସଦସ୍ୟ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଗୋଲାପ ଦେଇ ସଚେତନ କଲେ

**ଛେଣ୍ଡିପଦା,୬।୨(ସ୍ୱ.ପ୍ର.)**

ଛେଣ୍ଡିପଦା ପୋଲିସ ଓ ବାପୁଜୀ କଲେଜ ପକ୍ଷରୁ ବୁଧବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ରାଲିରେ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବାପୁଜୀ କଲେଜରୁ ଉକ୍ତ ରାଲି ବାହାରି ଛେଣ୍ଡିପଦା ଥାନା ଓ ବ୍ଲକ ଛକର ଜଗନ୍ନାଥ ମନ୍ଦିର ପରିକ୍ରମା କରିଥିଲା। ପରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବିନା ସେଫ୍ଟି ବେଲ୍ଟ ଓ ବିନା ହେଲମେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଛାତ୍ରୀଛାତ୍ରମାନେ ଗୋଲାପ ଫୁଲ ଦେବା ସହ ସଚେତନ କରାଇଥିଲେ। କଲେଜ ଅଧ୍ୟକ୍ଷ ଲୋକନାଥ ସାହୁ, ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଏସ୍‌ଆଇ ବିଜୟ କୁମାର ସ୍ୱାଇଁ, ଏସ୍‌ଆଇ ଅବଦୁଲ୍ କାସିମ ଖାନ୍, ଏସ୍‌ଆଇ ପ୍ରତାପ ଚନ୍ଦ୍ର ଦଳେଇ, ଏଏସ୍‌ଆଇ ଶୁଭେନ୍ଦୁ ପ୍ରସାଦ ଧୀର୍, ଏଏସ୍‌ଆଇ ବୁଦ୍ଧଦେବ ବିଶ୍ୱାଳଙ୍କ ସମେତ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।




# ଅବସରକାଳୀନ ସମ୍ବର୍ଦ୍ଧନା

**ଭୁବନ,୬।୨(ଡି.ଏନ.ଏ.)**

ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାକ୍ତନ ଶିକ୍ଷକ ଚୈତନ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସତ୍‌ମାର୍ଗରେ ଯିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଡିଆଇ ମାୟାଧର ପାଣି, ଦୁଃଖବନ୍ଧୁ ବିଶ୍ୱାଳ, ଗଗନ ବିହାରୀ ପଣ୍ଡା, ଲକ୍ଷ୍ମୀପ୍ରିୟ ପଟ୍ଟନାୟକ, କୈଳାସଚନ୍ଦ୍ର ପୃଷ୍ଟିଙ୍କ ସମେତ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ଏନ୍‌ଟିପିସି ପକ୍ଷରୁ ସ୍କୁଲ ବ୍ୟାଗ ପ୍ରଦାନ

**ତାଳଚେର,୬।୨(ନି.ପ୍ର.)**

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ବଡତ୍ରିବିଡା ପଞ୍ଚାୟତ ହରିଚନ୍ଦନପୁର ୟୁପି ସ୍କୁଲ ଓ ବାରିହାପୁର ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଛି। ଡିଜିଏମ୍ ପି.କେ. ସାହୁ, ସିନିୟର ମ୍ୟାନେଜର ଏ.କେ. ଦାସ, ଏମ.ଭି. ରାଓ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ୨୯୦ ଛାତ୍ରୀଛାତ୍ରଙ୍କୁ ବ୍ୟାଗ ପ୍ରଦାନ କରିଥିଲେ। ଭଲ ପାଠ ପଢି ସୁନାଗରିକ ହେବାକୁ ଏନ୍‌ଟିପିସି ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସେହିପରି ବଡହୀରା ପ୍ରାଇମେରି ସ୍କୁଲର ୧୧୦ ଛାତ୍ରୀଛାତ୍ରଙ୍କୁ ୱାଟର ଫିଲଟର ପ୍ରଦାନ କରାଯାଇଛି।




ସ୍କୁଲ ଛାତ୍ରୀଛାତ୍ରଙ୍କୁ ବ୍ୟାଗ ବଣ୍ଟନ କରାଯାଇଛି।

# ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ତାଳଚେର, ୬।୨(ନି.ପ୍ର.)**

ତାଳଚେର ବ୍ଲକ ଡଅଁରା, କୁମୁଣ୍ଡା ପଞ୍ଚାୟତବାସୀଙ୍କ ପକ୍ଷରୁ ଚାଲିଥିବା ଏମ୍‌ସିଏଲର ହିଙ୍ଗୁଳା ଓ ବଳରାମ କୋଇଲା ଖଣି ବନ୍ଦ ଆନ୍ଦୋଳନ ବୁଧବାର ଅପରାହ୍ନରେ ପ୍ରତ୍ୟାହୃତ ହୋଇଛି। ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଉଭୟ ଗ୍ରାମର ଜମିହରା ପ୍ରଜାଙ୍କ ସହ ଏମ୍‌ସିଏଲର ଡିପି, ଡିଟି ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ସମାଧାନ ବୈଠକ ବସିଥିଲା। ଦୀର୍ଘ ସମୟ ଆଲୋଚନା ପରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା କୁମୁଣ୍ଡା ଗ୍ରାମକୁ ଅଧିଗ୍ରହଣ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ୨ ମାସ ମଧ୍ୟରେ ସୁପ୍ରିମକୋର୍ଟରେ ଥିବା ମାମଲା ଉଠାଇବା ସହ ନିଯୁକ୍ତି ପ୍ରଦାନ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏମ୍‌ସିଏଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଡଅଁରା ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ସନ୍ଧ୍ୟା ସୁଦ୍ଧା ଉଭୟ ଖଣିରୁ କୋଇଲା ଉତ୍ପାଦନ ସ୍ୱାଭାବିକ ହୋଇଛି।

## ■ ପକ୍ଷାଘାତରେ ୭ ବର୍ଷର ଶିଶୁ

# ଚିକିତ୍ସାକୁ ନିଅଣ୍ଟ ମଜୁରି

**ପାଲଲହଡ଼ା, ୬।୨(ଡି.ଏନ.ଏ.)**



ଜନ୍ମରୁ ପକ୍ଷାଘାତରେ ଝିଅ ପୀଡ଼ିତ। ୭ ବର୍ଷ ହେଲା ତାକୁ ନେଇ ଡାକ୍ତରଖାନା ଦୌଡୁଛୁ। ଘରେ ଯାହା ଥିଲା ସବୁ ବିକି ଚିକିତ୍ସାରେ ଖର୍ଚ୍ଚ କରିସାରିଛୁ। ମୂଲ ମଜୁରି ଲାଗି ଚଳୁଥିବାରୁ ଅଧିକ ଚିକିତ୍ସା ପାଇଁ ଆମ ନିକଟରେ ସମ୍ବଳ ନାହିଁ। ଯଦି ସରକାର ସହାୟ ହୁଅନ୍ତେ ତା'ହେଲେ ଛୁଆଟା ଭଲ ହୋଇଯାଆନ୍ତା ବୋଲି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଈଶ୍ୱରନଗର ପଞ୍ଚାୟତ କ୍ଷେତ୍ରବାସୀପୁର ଗ୍ରାମର ବୀର ସିଂ ସରକାରଙ୍କୁ ନିବେଦନ କରିଛନ୍ତି।

୨ ଝିଅ, ୨ ପୁଅ ଓ ସ୍ତ୍ରୀଙ୍କୁ ନେଇ ବୀରଙ୍କ ପରିବାର। ମଜୁରି ଲାଗିଲେ ୬ ପ୍ରାଣୀ କୁଟୁମ୍ବଙ୍କ ପେଟରେ ଦାନା ପଡେ। ଏପରିସ୍ଥିତିରେ ବଡ ଝିଅ ସୁଜାତା ପକ୍ଷାଘାତରେ ପୀଡ଼ିତ। ୩ ପିଲାଙ୍କୁ ପାଳି ପୋଷି ବଡ ଝିଅର ଚିକିତ୍ସା ପାଇଁ ଅର୍ଥ ଖର୍ଚ୍ଚ କରିବା ବୀରଙ୍କ ପାଇଁ କାଠିକର ପାଠ ହୋଇପଡିଛି। ଡାକ୍ତରଖାନାରେ ଝିଅର ସାଧ୍ୟମତେ ଚିକିତ୍ସା କରାଇଛନ୍ତି। ହେଲେ ଆଉ ଅଧିକ ଚିକିତ୍ସା ଆବଶ୍ୟକ ଥିବା ଡାକ୍ତର କହୁଥିବାବେଳେ ଅର୍ଥ ଅଭାବରୁ ଝିଅକୁ ଡାକ୍ତରଖାନାରୁ ଘରକୁ ନେଇ ପଳାଇ ଆସିଥିବା ବୀର କହିଛନ୍ତି। ସହାୟତା ପାଇଁ ବିଭିନ୍ନ ଉପାୟରେ ଉପଖଣ୍ଡଠାରୁ ଜିଲା ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସରକାର ସହାୟତା କଲେ ଝିଅ ଭଲ ହୋଇଯାଆନ୍ତା ବୋଲି ବୀର କହିଛନ୍ତି। ଏ ସମ୍ପର୍କରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲଙ୍କୁ ଜଣାଇବା ପରେ ସରକାରୀ ନିୟମ ଅନୁଯାୟୀ ଚିକିତ୍ସା ପାଇଁ ସମସ୍ତ ସୁବିଧା କରାଯିବ ଏବଂ ସେ ନିଜେ ବ୍ୟକ୍ତିଗତ ଭାବେ ମଧ୍ୟ କିଛି ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

**ସରକାରୀ ସହାୟତା ପାଇଁ ନିବେଦନ**

